ORIYA

# କୋରୋନା ସଂକ୍ରମଣ (**COVID-19**) ହେତୁ ତାଲାବନ୍ଦ ଅବସ୍ଥାରେ କୃଷକ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ପରାମର୍ଶ

ଭାରତ ସରକାର ଜାରିକରିଥିବା ନିର୍ଦ୍ଦେଶାବଳୀ* ଯାହା ଦ୍ୱାରା ନିର୍ଦ୍ଦିଷ୍ଟ ସତର୍କତା ସହିତ ଗୁରୁତ୍ୱପୂର୍ଣ୍ଣ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର କାର୍ଯ୍ୟକଳାପ ଜାରି ରହିବ। କୃଷକଙ୍କ ସୁବିଧା ପାଇଁ, ଏଗୁଡିକର ତାଲିକା ଏଠାରେ ପ୍ରଦତ୍ତ କରାଗଲା |

ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ

ଏହି ତାଲାବନ୍ଦରୁ ବାଦ ପଡିଥିବା ବା ପ୍ରଭାବିତ ହେଉନଥିବା ବିଭିନ୍ନ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମ* ଗୁଡିକ ନିମ୍ନରେ ପ୍ରଦାନ କରାଗଲା।

(କ) ପ୍ରାଣୀ ଚିକିତ୍ସା କେନ୍ଦ୍ର

(ଖ) କୃଷି ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ଅନୁଯାଇ ବିପଣନ ସହ ଜଡିତ ଥିବା ସଂସ୍ଥା

(ଗ) କୃଷିଜାତ ଦ୍ରବ୍ୟ ବିପଣନ କମିଟି କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ସୂଚିତ 'ମଣ୍ଡି'

(ଘ) କୃଷକ ଓ କୃଷି ଶ୍ରମିକଙ୍କ ଦ୍ୱାରା କୃଷି କାର୍ଯ୍ୟ

(ଙ) କୃଷି ଯନ୍ତ୍ରପାତି ଗୁଡିକୁ ଭଡା ସୂତ୍ରରେ ଦେଉଥିବା ସଂସ୍ଥା

(ଚ) ରାସାୟନିକ ସାର, କୀଟନାଶକ ଓ ବିହନ ଉତ୍ପାଦନ ଏବଂ ଏହାର ପ୍ରକ୍ରିୟାକରଣ କରୁଥିବା ସଂସ୍ଥା

(ଛ) କୃଷି ଓ ଉଦ୍ୟାନ କୃଷିରେ ବ୍ୟବହୃତ ଯନ୍ତ୍ରପାତି ରାଜ୍ୟ ଭିତରେ ଏବଂ ରାଜ୍ୟ ରାଜ୍ୟ ମଧ୍ୟରେ ଗମନା ଗମନ

(ଜ) କୃଷି ଯନ୍ତ୍ରପାତି, ଏହାର ଅତିରିକ୍ତ ଯନ୍ତ୍ରାଂଶ (ଏହାର ଯୋଗାଣ ଶୃଙ୍ଖଳା ଅନ୍ତର୍ଭୁକ୍ତ କରି) ଏବଂ ମରାମତି ଦୋକାନ ଖୋଲା ରହିବ |

(ଝ) ରାଜପଥରେ ଟ୍ରକ୍ ମରାମତି ପାଇଁ ଥିବା ଦୋକାନଗୁଡ଼ିକ ବିଶେଷତ ପେଟ୍ରୋଲ ପମ୍ପରେ ଖୋଲା ରହିବ |

(ଞ) ବୃକ୍ଷରୋପଣ ସହିତ ଚା' ଶିଳ୍ପରେ ସର୍ବାଧିକ ଶତକଡା ୫୦ ଭାଗ ଶ୍ରମିକର ବ୍ୟବହାର

ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରସଙ୍ଗ (କ ରୁ ଛ), ଅର୍ଡର ନମ୍ବର ୪୦-୩/୨୦୨୦-ଡିଏମ-ଆଇ(କ) ତା. ୨୪, ୨୫ ଏବଂ ୨୭ ମାର୍ଚ୍ଚ ୨୦୨୦ ରିଖ ସହ ଧାରା ୨, ୪, ୫ ଏବଂ ୬ ବ୍ୟତିରକେ; ଏବଂ ଏମ ଏଚ ଏ ଅର୍ଡର ନମ୍ବର ୪୦-୩/୨୦୨୦-ଡିଏମ-ଆଇ(କ) ତା. ୨୪.୦୩. ୨୦୨୦ ରିଖ ସହ ସଂଯୁକ୍ତ ହୋଇଥିବା ୪ର୍ଥ ଯୋଗପତ୍ର ଅନୁଯାୟୀ ପ୍ରସଙ୍ଗ (ଜ ରୁ ଞ)ର ଏକୀଭୂତ ନିର୍ଦ୍ଦେଶାବଳୀ |

ଏହି ଛାଡଗୁଡିକ କୃଷି ଏବଂ କୃଷି ଆନୁଷଙ୍ଗିକ ସହ ଜଡିତ ବାଧାପ୍ରାପ୍ତ କାର୍ଯ୍ୟକଳାପକୁ ସହଜ କରିବ ଯାହା ଦ୍ୱାରା ଅତ୍ୟାବଶ୍ୟକ ସାମଗ୍ରୀ ଏବଂ କୃଷକମାନେ ତାଲାବନ୍ଦ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ।

ତାଲା ବନ୍ଦ ସମୟରେ କୃଷି ଓ କୃଷି କାର୍ଯ୍ୟରେ ଯେପରି ବାଧା ନଆସିବ ଏବଂ କୃଷକ ମାନେ ଯେପରି ସେମାନଙ୍କର ଅତ୍ୟାବଶ୍ୟକ ଜିନିଷ ପାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ଉପରୋକ୍ତ ନିର୍ଦ୍ଦେଶନାମା ଗୁଡିକର ପାଳନ କରିବା ନିମନ୍ତେ ସମସ୍ତ ମନ୍ତ୍ରଣାଳୟ / ରାଜ୍ୟ ସରକାରଙ୍କ ଅବଗତି ପାଇଁ ପ୍ରେରଣା କରାଯାଇଛି |

## କୃଷକ ମାନଙ୍କ ପାଇଁ ପରାମର୍ଶ

### ଫସଲର ଅମଳ ସମ୍ବନ୍ଧୀୟ ପରାମର୍ଶ

କୋରୋନା ସଂକ୍ରମଣରେ ସାରା ଦେଶ କବଳିତ ଥିବା ଅବସ୍ଥାରେ ରବି ଫସଲ ଧୀରେ ଧୀରେ ଅମଳକ୍ଷମ ହେବାରେ ଲାଗିଛି | ଏଣୁ ଅଳ୍ପ ଦିନରେ ଏହାର ଅମଳ ଓ ବିପଣନ ପାଇଁ ପରିବହନ ବ୍ୟବସ୍ଥା ଜରୁରୀ ହୋଇ ପଡିବ | ଏହି ପରିପ୍ରେକ୍ଷୀରେ କୃଷକ ମାନଙ୍କୁ ସୂଚିତ

କରିଦିଆଯାଉଛି କି, ଏହି ସମୟରେ ସେମାନେ ଏହି ଭୁତାଣୁ ଜନିତ ରୋଗରୁ ନିଜକୁ ରକ୍ଷା କରିବା ପାଇଁ ସାବଧାନତା ଓ ସତର୍କତା ଅବଲମ୍ବନ କରିବେ | ସାଧାରଣ ସତର୍କତା ବ୍ୟବସ୍ଥା ଅନୁଯାଇ ସାମାଜିକ ଦୂରତା ରକ୍ଷା କରିବା ତଥା ଶରୀର ପରିଚ୍ଛନ୍ନତାର ବିଭିନ୍ନ ଉପାୟ ଯେମିତିକି, ବାରମ୍ବାର ସାବୁନ ଦ୍ଵାରା ହାତ ଧୋଇବା, ମୁହଁରେ ମାସ୍କ ପିନ୍ଧିବା, ସୁରକ୍ଷିତ ବସ୍ତ୍ର ପରିଧାନ କରିବା ଏବଂ ସର୍ବୋପରି ଯନ୍ତ୍ରପାତି ଓ ଉପକରଣ ଗୁଡିକ ବିଶୋଧନ କରି ରଖିବା ପ୍ରଭୃତିକୁ ଗୁରୁତର ଭାବେ ଧ୍ୟାନ ଦେବା ପାଇଁ ଉଚିତ | କୃଷିଜୀବୀ ଶ୍ରମିକ ମାନଙ୍କୁ ସୂଚେଇ ଦିଆଯାଉଛି କି ଉପରୋକ୍ତ କୃଷି କାର୍ଯ୍ୟ ସମୟରେ ପ୍ରତ୍ୟେକ ସୋପାନରେ ସେମାନେ ସାମାଜିକ ଦୂରତ୍ୱକୁ ବଜାୟ ରଖି କାର୍ଯ୍ୟ କରିବେ |

ଉତ୍ତର ଭାରତର ଅନେକ ରାଜ୍ୟରେ ଯାନ୍ତ୍ରିକ ଉପାୟରେ ଗହମ ଅମଳ କାର୍ଯ୍ୟ ଆରମ୍ଭ ହୋଇଗଲାଣି | ଉତ୍ପାଦିତ ଗହମକୁ ମାଲବାହୀ ଗାଡି ମାଧ୍ୟମରେ ରାଜ୍ୟ ମଧ୍ୟରେ ଓ ଅନ୍ୟ ରାଜ୍ୟକୁ ଅନାୟସରେ ପରିବହନ କରାଯାଇ ପାରିବ | ଏହି ସମୟରେ ଯନ୍ତ୍ର ଗୁଡିକର ମରାମତି, ରକ୍ଷଣାବେକ୍ଷଣା ଓ ଅମଳ କାର୍ଯ୍ୟରେ ନିୟୋଜିତ ସମସ୍ତ କୁଶଳୀ ଶ୍ରମିକ ମାନେ କୋରୋନା ରୋଗ ସଂକ୍ରମିତ ନହେବା ପାଇଁ ସବୁ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି

ଦେଶର ଦ୍ୱିତୀୟ ମୁଖ୍ୟ ରବି ଫସଲ ହେଉଛି ସୋରିଷ | ଏହାର ଅମଳ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନହୁଏ

ମସୁର ଡାଲି , ମକା ଓ ଲଙ୍କା ଫସଲର ଅମଳ କାର୍ଯ୍ୟ ଚାଲୁ ରହିଛି ଏବଂ ଡାଲି ଜାତୀୟ ଫସଲର ଅମଳ ଆସନ୍ନ ପ୍ରାୟ ଏଣୁ ଏହି ଫସଲ ଗୁଡିକର ଅମଳ କାର୍ଯ୍ୟ ଯେପରି ସୁରୁଖୁରରେ ଚାଲୁରହିବ ସେଥିପାଇଁ ଦୃଷ୍ଟି ଦେବା ଉଚିତ |

ଆଖୁ ଉତ୍ପାଦନ ଚାଲୁ ରହିଥିବାବେଳେ କେତେକ ସ୍ଥାନରେ ଏହାର ଚାରା ରୋପଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଗଲାଣି|

ଯେଉଁ କୃଷି ଶ୍ରମିକ ମାନେ ବିଭିନ୍ନ ପ୍ରକାର ଫସଲ, ମାଛ, ଅଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀ ଉତ୍ପାଦନ ଓ ଅମଳ କାର୍ଯ୍ୟରେ ନିୟୋଜିତ ଅଛନ୍ତି, ସେମାନେ କାର୍ଯ୍ୟରତ ସମୟରେ ସମସ୍ତ ପ୍ରକାର ଶରୀରର ପରିଚ୍ଛନ୍ନତା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ବିଧେୟ ଅଟେ |

ଶ୍ରମିକଙ୍କ ଦ୍ୱାରା ଫସଲ କାଟିବା ସମୟରେ ୪ ରୁ ୫ ଫୁଟ ବ୍ୟବଧାନରେ ପଟାଳୀ କରି ପ୍ରତି ପଟାଳୀରେ ଜଣେ ଲେଖାଏଁ  ଶ୍ରମିକ ରହିବେ ଯେମିତିକି ଉଚିତ ସାମାଜିକ ଦୂରତା ରହିପାରିବ |

ସମସ୍ତ ନିୟୋଜିତ ଶ୍ରମିକ କାର୍ଯ୍ୟ କରିବା ସମୟରେ ମୁହଁରେ ମାସ୍କ ପିନ୍ଧିବା ସହ ନିୟମିତ ଅନ୍ତରାଳରେ ସାବୁନରେ ଭଲଭାବେ ହାତ ଧୋଇବା ଉଚିତ |

ଶ୍ରମିକମାନେ ବିଶ୍ରାମ ନେବା ସମୟରେ, ଖାଦ୍ୟ ଖାଇବା ସମୟରେ, କୃଷିଜାତ ଦ୍ରବ୍ୟ ମୁଣ୍ଡରେ ପରିବହନ କରିବା ସମୟରେ, ଗାଡ଼ିରେ ମାଲ ଉଠେଇବା ଏବଂ ଓଲ୍ହେଇବା ସମୟରେ ୩ ରୁ ୪ ଫୁଟ ସାମାଜିକ ଦୂରତା ବଜାୟ ରଖିବା ଦରକାର |

ଫସଲ କ୍ଷେତ କାମରେ ଆବଶ୍ୟକ ସ୍ଥଳେ ଦୈନିକ କାର୍ଯ୍ୟରେ ଅଧିକ ସଂଖ୍ୟକ ଶ୍ରମିକ ନିୟୋଜିତ କରିବାକୁ ମନା କରାଯାଇଛି

ଜଣାଶୁଣା ବ୍ୟକ୍ତିଙ୍କୁ କାର୍ଯ୍ୟ ରେ ଲଗାଇବା ସହ ସଂକ୍ରମିତ ଆଶଙ୍କା ଥିବା ଅବା ସନ୍ଦିଗ୍ଧ ବ୍ୟକ୍ତିଙ୍କୁ କାମରେ ନଲଗାଇବା ଉଚିତ

କୃଷି କାର୍ଯ୍ୟରେ ଯନ୍ତ୍ରପାତିର ବ୍ୟବହାର ଅଧିକ କରି ଏବଂ ଏହାକୁ ଚଳାଇବା ପାଇଁ ଅତି କମ ସଂଖ୍ୟକ ବ୍ୟାକ୍ତିଙ୍କୁ ନିୟୋଜିତ କରିବା ଆବଶ୍ୟକ |

ଫାର୍ମ ର ପ୍ରବେଶ ଦ୍ୱାରରେ କୃଷି ଯନ୍ତ୍ରପାତିର ନିୟମିତ ବିଶୋଧନ କରାଯିବା ସହ ପରିବହନ ପାଇଁ ଉଦ୍ଦିଷ୍ଟ ଗାଡି ଓ ବସ୍ତା ଗୁଡିକୁ ମଧ୍ୟ ବିଶୋଧନ କରାଯିବା ଉଚିତ

ଅମଳ ହୋଇଥିବା କୃଷିଜାତ ପଦାର୍ଥକୁ ୩ ରୁ ୪ ଫୁଟ ବ୍ୟବଧାନରେ ଛୋଟ ଛୋଟ ଗଦା କରି ରଖିବା ସହ ପ୍ରକ୍ରିୟାକରଣ କରିବା ପାଇଁ ଗଦା ପିଛା ଜଣେ ରୁ ୨ ଜଣ ଶ୍ରମିକ ନିୟୋଜିତ ହେବା ଆବଶ୍ୟକ |

ଅମଳ ହୋଇଥିବା ମକା, ଚିନାବାଦାମ ପ୍ରଭୃତି ଫସଲରେ ମଞ୍ଜି ଛଡ଼ାଇବା ପାଇଁ ବ୍ୟବହୃତ ଯନ୍ତ୍ରପାତିର ହାତରେ ଲାଗୁଥିବା ଅଂଶକୁ ନିୟମିତ ସାବୁନରେ ଧୋଇବା ଆବଶ୍ୟକ |

ଅମଳ ପରବର୍ତ୍ତୀ ସଂରକ୍ଷଣ ଓ ବିପଣନ ବ୍ୟବସ୍ଥା

କୃଷିଜାତ ଉତ୍ପାଦ ଗୁଡିକୁ ଶୁଖେଇବା, ଉଡ଼ାଇବା, ସଫା କରିବା, ବାଛିବା ଏବଂ ସୁରକ୍ଷିତ ଭାବରେ ରଖିବା ସମୟରେ ମୁହଁରେ ଜଳୀୟ ବାଷ୍ପ କଣା ଓ ଧୂଳି ନ ପଶିବା ପାଇଁ ମାସ୍କ ବ୍ୟବହାର କରିବା ଉଚିତ |

ଅମଳ କରାଯାଇଥିବା ଶସ୍ୟ, ମାଣ୍ଡିଆ, ଡାଲି ଜାତୀୟ ଫସଲକୁ ଟାଣ ଖରାରେ ଶୁଖାଇବା ଉଚିତ | ପୂର୍ବରୁ ବ୍ୟବହୃତ ଝୋଟ ବସ୍ତା ବ୍ୟବହାର କରନ୍ତୁ ନାହିଁ, ଏଥିରେ ପୋକ ଲାଗିବାର ସମ୍ଭାବନା ଅଧିକ ଥାଏ | ପ୍ରତ୍ୟେକ ଶୁଖିଲା ବସ୍ତାଗୁଡିକୁ 5 ପ୍ରତିଶତ ଲିମ୍ବ ତେଲ ଦ୍ରବଣରେ ଭିଜାଇ ଏବଂ ଶୁଖାଇ ଶସ୍ୟ ସଂରକ୍ଷିତ ରଖନ୍ତୁ |

ଭବିଷ୍ୟତରେ ଅଧିକ ଦରରେ ବିକ୍ରି ପାଇଁ ଉତ୍ପାଦ କୁ ନିକଟସ୍ଥ ଶୀତଳ ଭଣ୍ଡାର, ସରକାରୀ ଗୋଦାମ କିମ୍ବା ଭଡା ସୂତ୍ରରେ ଦିଆଯାଉଥିବା ଗୋଦାମ ଗୁଡିକରେ ଗଛିତ ରଖନ୍ତୁ |

କୃଷି ଜାତ ଦ୍ରବ୍ୟର ପରିବହନ, ବିକ୍ରିବଟା ଓ ନିଲାମ ସମୟରେ ନିୟୋଜିତ ବ୍ୟକ୍ତିଙ୍କ ପାଇଁ ସମ୍ଭାବ୍ୟ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରାଯିବ ଆବଶ୍ୟକ |

ବିହନ ଉତ୍ପାଦନକାରୀ ନିଜର ଉତ୍ପାଦିତ ଦ୍ରବ୍ୟ ଗୁଡିକ ବିହନ ଉଦ୍ୟୋଗ ଗୁଡିକୁ ପରିବହନ କଲା ସମୟରେ ତଦସମ୍ବଧୀୟ ଅନୁମୋଦନ ପତ୍ର ଓ କାଗଜ଼ ଗୁଡିକୁ ନିଜ ପାଖରେ ରଖିବା ସହ ଟଙ୍କା କାରବାର ସମୟରେ ସଂକ୍ରମିତ ନ ହେବା ପାଇଁ ଯତ୍ନଶୀଳ ହେବା ଉଚିତ |

ବର୍ତ୍ତମାନ ସମୟରେ କ୍ଷେତରେ ଥିବା ଫସଲର ପରିଚାଳନା ପରାମର୍ଶ

ଗହମ ଉତ୍ପାଦିତ ହେଉଥିବା ଅଞ୍ଚଳଗୁଡିକରେ ଏଇ ବର୍ଷ ତାପମାତ୍ରା ହାରାହାରି ଠାରୁ କମ ରହୁଥିବାରୁ ଗହମ ଅମଳ ସମୟକୁ ଅନାୟସରେ ଏପ୍ରିଲ ୨0 ପର୍ଯ୍ୟନ୍ତ ଘୁଞ୍ଚାଯାଇପାରିବ | ଏହାଦ୍ୱାରା ଚାଷୀମାନେ କୌଣସି କ୍ଷତିର ସମ୍ମୁଖୀନ ନ ହେବା ସହ ଅମଳ ପରବର୍ତ୍ତୀ ବିକ୍ରିବଟା ଓ ଅନ୍ୟାନ୍ୟ ପରିଚାଳନା ବ୍ୟବସ୍ତା ପାଇଁ ଯଥେଷ୍ଟ ସମୟ ମିଳିବ|

ଦକ୍ଷିଣ ଭାରତରେ ରବି ଧାନ ଫସଲର ଦାନା ପୂରଣ ଅବସ୍ଥାରେ ଏହି ସମୟରେ ଗଳା ମହିଷା ରୋଗ ଆକ୍ରାନ୍ତ ହୋଇଅଛି | ତେଣୁ ଏହି ରୋଗ ନିୟନ୍ତ୍ରଣ ପାଇଁ ଅନୁମୋଦିତ ଫିମ୍ପି ନାଶକ ପ୍ରୟୋଗ ସମୟରେ ନିୟୋଜିତ ଶ୍ରମିକ ନିଜର ସ୍ୱାସ୍ଥ୍ୟଗତ ସୁରକ୍ଷା ଦିଗରେ ଧ୍ୟାନ ଦେବା ନିହାତି ଆବଶ୍ୟକ |

ଧାନ ପାଚି ଯାଇଥିବା ଅବସ୍ଥାରେ ଯଦି ଅଦିନିଆ ବର୍ଷା ହୋଇ ଧାନ ଗଜା ହେବାର ସମ୍ଭାବନା ଥାଏ, ତେବେ ଏହାର ନିରାକରଣ ପାଇଁ ୫ ପ୍ରତିଶତ ଲୁଣ ପାଣିର ଦ୍ରବଣ ଫସଲରେ ସିଞ୍ଚନ କରିବା ଆବଶ୍ୟକ |

ଆମ୍ବ ଭଳି ଉଦ୍ୟାନ ଭିତ୍ତିକ ଫସଲରେ ଫଳ ଧରିବା ସମୟରେ ଖାଦ୍ୟ ସାର ଓ କୀଟନାଶକ ପ୍ରୟୋଗ ବେଳେ ଯଥେଷ୍ଟ ସତର୍କତା ଅବଲମ୍ବନ ପୂର୍ବକ ବ୍ୟବହାର ପରେ ସ୍ପ୍ରେୟର କୁ ଭଲଭାବରେ ଡିଟରଜେଣ୍ଟରେ ଧୋଇବା ଆବଶ୍ୟକ |

ଖରାଟିଆ ଡାଲି ଜାତୀୟ ଫସଲରେ ଧଳାମାଛି ଜନିତ ସାହେବି ରୋଗ ପରିଚାଳନା କରାଯିବା ସମୟରେ ସ୍ୱାସ୍ଥ୍ୟ ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦେବା ଆବଶ୍ୟକ |